# ଛତରଖିଆ ଜାତିର ଉତ୍ପତ୍ତି ଓ ବିଲୋପ- ସୁଦୂର ଅତୀତର ଅନୁଭୂତିରୁ

*(କେନ୍ଦ୍ରାପଡା ଜିଲ୍ଲାର ଦଶିପୁର ଗ୍ରାମରେ ୧୯୨୦ ମସିହାରେ ଜନ୍ମଲାଭ କରିଥିବା ସ୍ୱାଧୀନତା-ସଂଗ୍ରାମୀ ଓ ସମାଜ-ସଂସ୍କାରକ ଶ୍ରୀ ନରୋତ୍ତମ ବେହେରାଙ୍କ ଅପ୍ରକାଶିତ ଆତ୍ମଜୀବନୀରୁ ସଂଗୃହୀତ )*

ମୁଁ ଶୁଣିଥିଲି, ୧୮୬୬ ମସିହାରେ ଆମ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ସେତେବେଳେ ଖାଦ୍ୟ ବିନା ବହୁ ଲୋକ ମରିଗଲେ । ସେହି ଘଟଣାର ସୁଯୋଗ ନେଇ ଇଂରେଜ ସରକାର ଓଡ଼ିଶାର କେତେକ ଅଞ୍ଚଳରେ 'ଖାଦ୍ୟ ବଦଳରେ କାମ' ସ୍କିମ୍ ଭଳି କେନାଲ ଖୋଳା କାର୍ଯ୍ୟକ୍ରମ ଆରମ୍ଭ କଲେ । ଆମ ଅଞ୍ଚଳରେ ସେହି ସମୟରେ ଜମ୍ବୁ କେନାଲ ଖୋଳା ହେଲା ଓ ଲୋକଙ୍କୁ ଖାଇବାକୁ ଦେବାପାଇଁ ଅନ୍ନଛତ୍ରମାନ ଖୋଲିଲା । କେତେକ ଗ୍ରାମର କିଛି ଲୋକ ଜୀବନ ବିକଳରେ ଅନ୍ନଛତ୍ରରେ ପହଞ୍ଚି କେନାଲ ଖୋଳା କାମ କରୁଥିଲେ । କିନ୍ତୁ ସେତେବେଳେ ଜାତିପ୍ରଥା ଏତେ ଉତ୍କଟ ଥିଲା ଯେ ଯେଉଁମାନେ ଅନ୍ନଛତ୍ରରେ ଖାଇବେ, ସେମାନେ ଜାତିରୁ ବାହାରିଯିବା ପାଇଁ ଜାତିଭାଇଙ୍କ ମୁଖିଆ ନିର୍ଦ୍ଦେଶ ଦେବେ । ତେଣୁ ବିଭିନ୍ନ ଜାତିର ଯେଉଁ ଲୋକମାନେ ଅନ୍ନଛତ୍ରରେ ଯୋଗ ଦେଇଥିଲେ, ସେମାନଙ୍କୁ ସବୁଦିନ ପାଇଁ ନିଜନିଜ ମୂଳଜାତିରୁ ବହିଷ୍କାର କରି ଦିଆଗଲା, ଏବଂ ସେମାନେ ଛତରଖିଆ ବୋଲି ନୂଆକରି ଏକ ଇତର ଏବଂ ଅସ୍ପୃଶ୍ୟ ଜାତିରେ ପରିଣତ ହୋଇଗଲେ । ସେହି ଛତରଖିଆ ଜାତିର ଲୋକେ କେବଳ ନିଜଭିତରେ ହିଁ ବିଭାଘର ଓ ଅନ୍ୟାନ୍ୟ କାରବାର କରୁଥିଲେ । ବିଭିନ୍ନ ଗ୍ରାମରେ ଏହି ଛତରଖିଆ ଜାତିର ଲୋକଙ୍କୁ ଅଳ୍ପବହୁତେ ଦେଖିବାକୁ ମିଳୁଥିଲା ।

## ଛତରଖିଆ ଜାତିପ୍ରଥା ବିରୁଦ୍ଧରେ ଅଭିଯାନ

୧୯୪୮ ମସିହା କଥା । ଓଡିଶାରେ ଭୂଦାନଯଜ୍ଞ ବିଧିବଦ୍ଧଭାବେ ଆରମ୍ଭ ହେବା ପୂର୍ବରୁ ଓଡ଼ିଶା ସର୍ବୋଦୟ ମଣ୍ଡଳ ଜରିଆରେ ଆମେ ମଧୁସାଗର ବିଦ୍ୟାପୀଠକୁ କେନ୍ଦ୍ରକରି କେନ୍ଦ୍ରାପଡ଼ା ସବଡିଭିଜନ ପାଇଁ ଗୋଟିଏ ସର୍ବୋଦୟ ମଣ୍ଡଳ ଗଢ଼ିଥିଲୁ । ମୁଁ ମହାକାଳପଡ଼ା ଓ ପାଟକୁରା ଅଞ୍ଚଳର ଦାୟିତ୍ୱ ନେଇଥିଲି । କର୍ମୀ ଯୋଗାଡ଼ କରିବା ଓ ଠାଏଠାଏ ସର୍ବୋଦୟ ଶ୍ରମଶିବିର ସ୍ଥାପନ କରିବା ଥିଲା ମୋର ମୁଖ୍ୟ ଦାୟିତ୍ୱ । ସେହି ଘଟଣାକ୍ରମରେ ମୁଁ ବଡ଼ତୋଟା ଗ୍ରାମକୁ ଯାଇଥିଲି । ରହଣି ଭିତରେ ଜାଣିବାକୁ ପାଇଲି ଯେ, ସେ ଗ୍ରାମରେ ଛତରଖିଆ ଜାତିର ଲୋକ ଅଛନ୍ତି, ଯାହାଙ୍କୁ କେହି ଛୁଉଁ ନଥିଲେ, ସେମାନଙ୍କ ସହ ବଂଧୁତା କି ଖିଆପିଆ କରିବା ଅତି ଦୂରର କଥା । ମୁଁ ସେଠି ରହିବା ଭିତରେ ଏହି କୁସଂସ୍କାରକୁ କିପରି ଉଠାଇବାକୁ ହେବ, ସେ ବିଷୟ ଚିନ୍ତାକରି ଗାଁର ଯୁବକମାନଙ୍କୁ ଡ଼କାଇ ଏକ ସର୍ବୋଦୟ ମଣ୍ଡଳ ଗଠନ କଲୁ । କେତେକ ଶିକ୍ଷିତ ଯୁବକ, ଯଥା ବିଷ୍ଣୁଚରଣ ରାଉତ, ଦିବାକର ସାମଲ, ଚକ୍ରଧର ରାଉତ, ଇସାକ୍ ମିଆଁ ଓ ଧ୍ରୁବଚରଣ ପ୍ରମୁଖ ୨୦/୨୫ ଜଣ ଯୁବକ ଏହାର ସଭ୍ୟ ରହିଲେ । ସେମାନଙ୍କ ଭିତରେ ଦୁଇଜଣ ଛତରଖିଆ ଯୁବକ ମଧ୍ୟ ଥିଲେ । ଅଜାତି ବୋଲାଉଥିବା ଛତରଖିଆ ଶ୍ରେଣୀର ଲୋକଙ୍କୁ କିପରି ଆମ ସଙ୍ଗରେ ନେବାକୁ ହେବ, ସେ ବିଷୟ ଆଲୋଚନା ହେଲା । କିନ୍ତୁ ବହୁଦିନରୁ ଏ ପ୍ରଥା ଚଳି ଆସିଥିବାରୁ ଏବଂ ଲୋକମାନେ ଏଥିରେ ଅଭ୍ୟସ୍ତ ହୋଇଯାଇଥିବାରୁ ଯାକୁ ବଦଳାଇବା ବଡ଼ କଷ୍ଟକର ଜଣା ପଡୁଥିଲା । ତେଣୁ ମୁଁ ସେଠି ପ୍ରସ୍ତାବ ଦେଲି, ବଡ଼ତୋଟାରେ ପ୍ରଥମେ ମୁଁ ଏକାକୀ ଛତରଖିଆଙ୍କ ଘରେ ଖାଇବି । ଏହି ପ୍ରସ୍ତାବ ଅନୁଯାୟୀ ମୁଁ ଯେମିତି ତାଙ୍କ ଘରେ ଖାଇଛି, ଗାଁର ରକ୍ଷଣଶୀଳ ଲୋକମାନେ ଚିହିଁକି ଉଠିଲେ । ବରାବର ଗାଁରେ ଆଲୋଡନ ଲାଗିରହି ଗାଁ ଉଠିଲା ଓ ପଡ଼ିଲା । ଯେଉଁ ଯୁବକମାନେ ଆମ ସଙ୍ଗରେ ଥିଲେ ସେମାନେ ମଧ୍ୟ ନିଜ ମୁରବୀମାନଙ୍କୁ ଏହି କୁପ୍ରଥା ବିରୁଦ୍ଧରେ ବୁଝାଇବାକୁ ଲାଗିଲେ, କିନ୍ତୁ ଫଳତଃ ପ୍ରତ୍ୟେକଙ୍କ ଘରେ ପାଟିତୁଣ୍ଡ ଲାଗିରହିଲା । ଯୁବକର୍ମୀମାନେ କଥାଟିକୁ ଠିକ୍ ଭାବରେ ବୁଝିଥିବାରୁ ସେମାନେ ମଧ୍ୟ ଛତରଖିଆଙ୍କ ଘରେ ଖାଇବା ଆରମ୍ଭ କଲେ ଓ ସେମାନଙ୍କ ସଙ୍ଗରେ ମିଳାମିଶା ଓ କାରବାର କରି ଚାଲିଲେ । ସେ ଗାଁରେ ଆମ ପ୍ରଧାନ (ଚଷା) ଜାତିର ଲୋକେ ବେଶୀ ସଂଖ୍ୟାରେ ଥିଲେ, କିନ୍ତୁ ଏହି ଘଟଣାକୁ କେନ୍ଦ୍ରକରି ଦୁଇଫାଙ୍କ ହୋଇଗଲେ । ଗୋଟିଏ ରାଉତ ପରିବାର ଯେ କି ସଂପତ୍ତିବାନ୍, ନାମଜାଦା ଅଥଚ ରକ୍ଷଣଶୀଳ ଥିଲେ, ତାଙ୍କରି ଭିତରୁ ଜଣେ ଶିକ୍ଷିତ ଯୁବକ ବିଷ୍ଣୁଚରଣ ଆମ ସଂଗଠନରେ ଏକ ଆଗୁଆ ଓ ନିଷ୍ଠାବାନ୍ କର୍ମୀ ଥିଲେ । ବିଷ୍ଣୁଚରଣ ସଂସ୍କାରପନ୍ଥୀ ଶିବିରରେ ରହିଲେ, କିନ୍ତୁ ପରିବାରର ମୁରବୀମାନେ ରକ୍ଷଣଶୀଳଙ୍କ ପଟରେ । ବଡତୋଟା ଗ୍ରାମରେ ଏପ୍ରକାର ଦୋମେଳିଆ ପରିସ୍ଥିତି ଲାଗି ରହିଥିବା ବେଳେ ଆମ ସଂଗଠନ ତରଫରୁ ସେଠାରେ ଏକ ସର୍ବୋଦୟ ଶ୍ରମ ଶିବିର ଆୟୋଜନ କରାଗଲା । ମଧୁସାଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଚିନ୍ତାମଣି ସ୍ୱାଇଁ ସେଥିରେ ମୁଖ୍ୟବକ୍ତା ଥିଲେ । ସେହି ଶିବିର ସେ ଅଞ୍ଚଳ ସାରା ବେଶ୍ ପ୍ରଭାବ ପକାଇଥିଲା । ବହୁ ଯୁବକ ଆମ ଆଦର୍ଶ ପ୍ରତି ଆକୃଷ୍ଟ ହେଲେ, ଏବଂ ଅନ୍ୟପକ୍ଷରେ ରକ୍ଷଣଶୀଳ ଗୋଷ୍ଠୀ ନିଜକୁ ପରାଜିତ ଅନୁଭବ କଲେ, ଓ ସେମାନଙ୍କର ପ୍ରତିକ୍ରିୟା ଫସର ଫାଟିଗଲା । କିଛିଦିନ ପରେ ଦେଖାଗଲା ଯେ, ଯେଉଁ ଯୁବକମାନେ ସାହାସ କରି ପ୍ରଥମେ ଛତରଖିଆଙ୍କ ଘରେ ଖାଇ ତିରସ୍କୃତ ହୋଇଥିଲେ, ସେମାନଙ୍କୁ ମଧ୍ୟ ଆଉ କେହି ଖରାପ କରି କହିଲେ ନାହିଁ । ଏହିପରି କ୍ରମେକ୍ରମେ ଲୋକଙ୍କ ମନରୁ ଛତରଖିଆଙ୍କ ଘରେ ଖାଇବାପିଇବା ନେଇ ରହିଥିବା ବାରଣ କୁଆଡେ ମିଳେଇଗଲା ।

## ଛତରଖିଆ ଘରେ ବୈବାହିକ ସଂପର୍କ ପାଇଁ ଉଦ୍ୟମ

ଏହାର କିଛିବର୍ଷ ପରେ ମୁଁ ଭାବିଲି, ଛତରଖିଆଙ୍କ ଘରେ ଖାଇବାପିଇବା ସିନା ହୋଇଗଲା, କିନ୍ତୁ ସେମାନେ ଆମ ସଙ୍ଗରେ ସବୁଦିନ ପାଇଁ ମିଶିଯିବାକୁ ହେଲେ ତଥା ଛତରଖିଆ ନାଁ ପୁରାପୁରି ଉଠେଇଦେବାକୁ ହେଲେ ସେମାନଙ୍କ ସହ ଆମ୍ଭମାନଙ୍କର ବିଭାଘର ସଂପର୍କ ଜରୁରୀ । ପୁଣି ଭାବିଲି, ପ୍ରଥମେ ତ କେହି ସେମାନଙ୍କ ଘରେ ଝିଅ ଦେବାକୁ ରାଜିହେବେ ନାହିଁ; ହୁଏତ୍ କେହି ସେମାନଙ୍କ ଘରୁ ଝିଅ ଆଣିବାକୁ ରାଜି ହୋଇପାରନ୍ତି । ତେଣୁ ଗୋଟିଏ ପୁଅ ଯୋଗାଡ଼ କରିବାକୁ ପଡ଼ିବ, ଯେକି ଛତରଖିଆ ଘରର ଝିଅକୁ ବାହାହେବ । ଏହି କଥା ବଡ଼ତୋଟା କର୍ମୀମାନଙ୍କ ଭିତରେ ଆଲୋଚନା କଲୁ । ତାପରେ ଆମଗ୍ରାମରେ ମୋତେ ସହଯୋଗ କରୁଥିବା ଦୁଇ କର୍ମୀ ବୁଲେଇ ନାୟକ ଓ ନିଶାମଣି ରାଉତ, ଯେଉଁମାନଙ୍କର ବଡ଼ତୋଟାରେ ବନ୍ଧୁଘର ଥିଲା, ସେମାନଙ୍କ ସହ ମିଶି ମୁଁ ପୁଅ ଯୋଗାଡ଼ରେ ରହିଲି । ଆମପଡ଼ାର ଜଣେ ନେତ୍ର ନାୟକ, ଯେକି ନିଜର ସମସ୍ତ ଜମିକୁ ବିକ୍ରି କରି ନିସ୍ୱ ହୋଇପଡିଥିଲା, ତାର ଗୋଟିଏ ପୁଅ ଥିଲା ଘନଶ୍ୟାମ । ଘନଶ୍ୟାମକୁ ୩୦ବର୍ଷ ହୋଇଗଲା ପରେ ବି ତାକୁ କେହି ଝିଅ ଦେବାକୁ ରାଜି ନଥିଲେ, କାରଣ ତାର ଜମିବାଡ଼ି ଆଦୌ ନଥିଲା । ତାକୁ ଡ଼କାଇ ଆମେ ବୁଝାଇଲୁ ଯେ, ଝିଅଟି ଖୁବ୍ ଭଲ, କେବଳ ଯାହା ଛତରଖିଆ ଜାତିରେ ତା'ର ଜନ୍ମ । ତା ମନୋଭାବରୁ ବୁଝିଲୁ, ସେ ନିଜେ ଭିତରେ ରାଜି ଅଛି, କେବଳ ବାପା ରାଜି ହେବେ ନି ଖୋଲାଖୋଲି ମନକଥା କହିପାରୁନି । ତାପରେ ମୁଁ ସିଧା ତା ବାପାଙ୍କୁ ଏକଥା ପଚାରନ୍ତେ, ସେ କହିଲେ, ଯଦି ଜାତିଭାଇ ଅନୁମତି ଦେବେ, ତେବେ ତାଙ୍କର ଆପତ୍ତି ନାହିଁ । ମୁଁ ହରିଜନ ଘରେ ଖାଇବା ଓ ଅନ୍ୟାନ୍ୟ ଜାତିଆଣ କଟକଣାକୁ ଲଂଘନ କରିଥିବାରୁ ଜାତିଭାଇଙ୍କର ମୋ ପ୍ରତି ଭିତରେ ଭିତରେ ରାଗ ଥିଲା । ତଥାପି ମୁଁ ଦୁଇ ଦାଦାଙ୍କ ସମେତ ସବୁ ଜାତିଭାଇମାନଙ୍କୁ ଡ଼କାଇଲି । ବହୁ ବାଦାନୁବାଦ ପରେ ଅନୁଭବ କଲି, ସେମାନେ ଏପ୍ରସ୍ତାବରେ ପୁରା ନାରାଜ । ତେଣୁ ଆମେ ସେମାନଙ୍କ ଆଶା ଛାଡ଼ି ପୁଣି ଘନଶ୍ୟାମ ସଙ୍ଗରେ କଥାବାର୍ତ୍ତା ହେଲୁ । ଘନଶ୍ୟାମର ତ ବିଭାହେବାକୁ ମନ ଥିଲା ! ସେ ଆଙ୍ଗୁପାଙ୍ଗୁ ହୋଇ କହିଲା, ମୋତେ ଯଦି ସାହାଯ୍ୟ କରିବ, ତାହେଲେ ମୁଁ ବିବାହ କରିବି । ଘନଶ୍ୟାମ ଠାରୁ ଏହି ଜବାବ ପାଇ ଆମେ ବଡ଼ତୋଟାର ଛତରଖିଆ ଜାତିର ଆମର ସହକର୍ମୀ ଦିବାକର ଭାଇଙ୍କ ସହିତ କଥାବାର୍ତ୍ତା କଲୁ । ତାଙ୍କ ମାମୁଁଝିଅ ଭଉଣୀ ଥିଲା ସେହି ଗ୍ରାମରେ । ସେ ସଙ୍ଗେସଙ୍ଗେ ମାମୁଁଙ୍କୁ ଡ଼ାକି ତାଙ୍କ ଝିଅର ବିଭାଘର ପ୍ରସ୍ତାବ ସପକ୍ଷରେ ସମ୍ମତି ନେଇଆସିଲେ ।

## ରକ୍ଷଣଶୀଳ ଗୋଷ୍ଠୀଙ୍କ ଷଡଯନ୍ତ୍ର

ଠିକ୍ ହେଲା, ବିଭାଘର ଦିନ ବୋହୁ ଚାଲି କରି ଆମ ଗ୍ରାମକୁ ଆସିବ । ତାଙ୍କ ସଙ୍ଗରେ ଦିବାକର ଭାଇ ଓ ଆମଗ୍ରାମର ନିଶାମଣି ରାଉତ ଓ ବୁଲେଇ ନାୟକ ଆସିବେ । ସେତେବେଳକୁ ଆମ ଗାଁରେ ହୁଲସ୍ଥୁଲ୍ ପଡ଼ିଯାଇଥାଏ- ନରୋତ୍ତମ ବେହେରା ଘନଶ୍ୟାମ ନାୟକକୁ ଗୋଟିଏ ଛତରଖିଆ ଘରେ ବିଭାଘର କରାଉଛି, ସେ ଆମଗ୍ରାମର ମାନମର୍ଯ୍ୟାଦା ଓ ଜାତିଗୋତ୍ର କିଛି ରଖିବ ନାହି, ସମସ୍ତଙ୍କୁ ଅଜାତିଆ କରି ଛାଡ଼ିବ ଇତ୍ୟାଦି । ବିଭାଘରର ନିର୍ଦ୍ଦିଷ୍ଟ ଦିନ ପହଞ୍ଚିଲା । ସେଦିନ ଆମ ଗ୍ରାମରେ ଚାରି ପାଞ୍ଚଟା ଦାଣ୍ଡ ବିଭାଘର ଓ ୨/୩ଟା ତୋଳାକନ୍ୟା ବିଭାଘର ଥାଏ । ସେଥିପାଇଁ ବାହାର ଗ୍ରାମମାନଙ୍କରୁ ବହୁ ବରଯାତ୍ରୀ ସମାଗମ ହୋଇଥାନ୍ତି । ମୁଁ ଶୁଣିବାକୁ ପାଇଲି, ଜାତିଭାଇମାନେ ଘନଶ୍ୟାମକୁ ବିଭାଘର କରାଇଦେବେ ନାହିଁ ଓ ସେଥିପାଇଁ ତାକୁ ଅନ୍ୟଜାଗାରେ ଲୁଚାଇ ରଖିଛନ୍ତି । ମୁଁ ଏ ସୁରାଜ୍ ପାଇ ତା ପାଖକୁ ଖବର ଦେଲି ଆମ ଘରକୁ ଆସିବା ପାଇଁ । ତାର ତ ପୁରା ଇଚ୍ଛା ଥିଲା ! ସେ ଖବରପାଇବାମାତ୍ରେ ଲୁଚିକରି ଆମ ଘରକୁ ଚାଲି ଆସିଲା । ତାକୁ ସ୍ପଷ୍ଟଭାବେ କହିଲି, ଏ ବିଭାଘର ମୁଁ କରିବାକୁ ଯାଉଛି, ଏଥିରେ ଯାହା ବାଧାବିଘ୍ନ ଆସିବ, ମୁଁ ସାମନା କରିବି, ତୋର କେହି କିଛି କରି ପାରିବେ ନାହିଁ । ବୋଉକୁ କହିଲି, ଘନଶ୍ୟାମ ବିଭାଘର ସରିବା ପର୍ଯ୍ୟନ୍ତ ତୁ ତାକୁ ଏଠାରେ ଜଗି ରହିବୁ, ଅନ୍ୟତ୍ର ଛାଡ଼ିବୁ ନାହିଁ । ମୁଁ ଦେଖିଲି, ଗାଁର ଯେଉଁ କେତେଜଣ ଯୁବକ ମୋତେ ବିଭିନ୍ନ ସଂସ୍କାର-କାର୍ଯ୍ୟରେ ସହଯୋଗ କରୁଥିଲେ, ସେମାନେ ମଧ୍ୟ ନିଜନିଜ ଅଭିଭାବକଙ୍କ ଚାପର ବଶବର୍ତ୍ତୀ ହୋଇ ନୀରବଦ୍ରଷ୍ଟା ସାଜିଛନ୍ତି । ପୁଣି ଆମ ସାହିର ମୋ ଦୁଇ ଦାଦା ଉପେନ୍ଦ୍ର ବେହେରା ଓ

ବ୍ରଜବଂଧୁ ବେହେରା ଓ ଅନ୍ୟ ଦାଦାମାନେ ଭିତରେଭିତରେ ଏହି ବିଭାଘର ବିରୁଦ୍ଧରେ ଲୋକଙ୍କୁ ମତାଉଥିଲେ । ସେ ଦିନ ମୁଁ ଅନୁଭବ କଲି, ମୋ ସ୍ତ୍ରୀ ଓ ବୋଉ ବ୍ୟତୀତ ଆମ ସାହିରେ ଆଉ କେହି ନାହାଁନ୍ତି ମୋ ସମର୍ଥନରେ ପଦେ କହିବା ପାଇଁ । ଏହି ସୁଯୋଗରେ ପ୍ରତିପକ୍ଷର ଲୋକେ ମୋ ସହିତ ଗଣ୍ଡଗୋଳ କରି ବାହାଘରକୁ ଭଣ୍ଡୁର କରିବା ପାଇଁ ଏକ ଚକ୍ରାନ୍ତ ପ୍ରସ୍ତୁତ କରିସାରିଥିଲେ ।

## ଦ୍ୱନ୍ଦ୍ୱସଂଘର୍ଷ ଭିତରେ ବିବାହ ସଂପନ୍ନ

ବିରୋଧୀ ଗୋଷ୍ଠୀ ଭାବଥିଲେ, ବୋହୂକୁ ଘନଶ୍ୟାମ ଘରକୁ ଅଣାଯିବ, ତେଣୁ ସେମାନେ ୨/୩ ଦଳରେ ବିଭକ୍ତ ହୋଇ ଠେଙ୍ଗାବାଡ଼ି ଧରି ବିଭିନ୍ନ ଲୋକଙ୍କ ପିଣ୍ଡାରେ ଛକି ବସିବେ ; ଘର ଭିତରେ ମଧ୍ୟ ଗୋଟିଏ ଦଳ ରହିବେ ଏବଂ ସେଠାକୁ ବୋହୂପକ୍ଷର ଲୋକଙ୍କୁ ନେଇ ଆମେ ଗଲେ ମାରଧର କରି ସମସ୍ତଙ୍କୁ ଘଉଡାଇ ଦେବେ । ଅଜାମ୍ବର ବେହେରାଙ୍କ ସ୍ତ୍ରୀ, ଯାହାଙ୍କୁ ଆମେସବୁ ସାନ ମା ବୋଲି ଡ଼ାକୁଥିଲୁ ଏବଂ ଯେ ମୋତେ ଭଲ ପାଉଥିଲେ, ସେ ମଧ୍ୟ ମୋତେ ଏବିଷୟରେ ଚୁପ୍‌ତରେ ସୁରାକ୍ ଦେବା ସହିତ ମୋତେ ସାବଧାନ ରହିବା ପାଇଁ ହୁସିଆର କରିଦେଲେ । ମୁଁ ଏ କଥା ଶୁଣିବା ପରେ ହଠାତ୍ ଏକ ଉପାୟ ମୁଣ୍ଡକୁ ଜୁଟିଲା- ବୋହୁକୁ ପୁଅ ଘରକୁ ନନେଇ ସିଧା ଆମ ଘରକୁ ଘେନି ଆସିଲେ ସେମାନେ ଗଣ୍ଡଗୋଳ କରିବା ପାଇଁ ସୁଯୋଗ ପାଇବେନି । ମୁଁ ଆସି ସଙ୍ଗେସଙ୍ଗେ ବୋଉ ଓ ସ୍ତ୍ରୀକୁ ଏହି ଯୋଜନା ବିଷୟରେ ଜଣାଇଲି । ବୋହୂର ଗତିପଥ ବଦଳା ଯାଇଛି ବୋଲି କେହି ଜାଣି ନଥାନ୍ତି, କେବଳ ଆମ ଘର ଛଡ଼ା । ମୋ ସ୍ତ୍ରୀ, ଯେ କି ନିକଟରେ ବରୀ-ରାମଚନ୍ଦ୍ରପୁରରେ ରମାଦେବୀଙ୍କ ନିକଟରୁ ଟ୍ରେନିଂ ପାଇ ଫେରିଥାନ୍ତି, ତାଙ୍କୁ କହିଲି, ତମକୁ ବର୍ତ୍ତମାନ ମୋ ସାଙ୍ଗରେ ବାହାରିବାକୁ ପଡ଼ିବ । ଦାଣ୍ଡର ଦୁଇପାଖରେ ଦୁଇ ଦାଦା ଓ ଗାଁର ମୁଖିଆ ଲୋକେ ବସିଛନ୍ତି । ସେମାନଙ୍କ ସମ୍ମୁଖରେ ବୀରାଙ୍ଗନା ଭଳି ଲଜ୍ୟାକୁ ଦୂରକରି ତୁମକୁ ଯିବାକୁ ହେବ ଏବଂ ବୋହୁକୁ ବାଟରୁ ବନ୍ଦାଇ ଆଣି ସଙ୍ଗେସଙ୍ଗେ ଆମଘରକୁ ନେଇ ଆସିବାକୁ ହେବ । ସ୍ତ୍ରୀ ଏହି ଯୋଜନା ଅନୁସାରେ ଗାଁମୁଣ୍ଡରୁ ବୋହୁକୁ ବନ୍ଦେଇ ଆଣିବା ପାଇଁ ମୋ ଆଗେଆଗେ ଚାଲିଲେ । ଆମେ ଗଲାବେଳେ ଦାଣ୍ଡର ଦୁଇପଟରେ ଭରପୁର ହୋଇଥିବା ଜନସମାଗମ ଭିତରୁ କେହିକେହି ବଡପାଟିରେ ଥଟ୍ଟା ପରିହାସ କରୁଥାନ୍ତି । ଆମେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଠିକ୍ ସମୟରେ ଯାଇ ଗାଁ ମୁଣ୍ଡରେ କନ୍ୟାପକ୍ଷଙ୍କୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେସଙ୍ଗେ ଚୁମ୍ବକରେ ଗାଁର ପରିସ୍ଥିତି ଓ ପରିବର୍ତ୍ତିତ ଗତିପଥ ବିଷୟରେ ଜଣାଇଦେଲୁ । ମୁଁ ସବା ଆଗରେ, ତାପରେ ମୋ ସ୍ତ୍ରୀ ଏବଂ ତାପଛକୁ କନ୍ୟାପକ୍ଷର ଲୋକ ଦଳବଦ୍ଧ ହୋଇ ଗାଁ ଭିତରକୁ ଆଗେଇଲୁ । ଆମେ ଗାଁ ଭିତରେ ପ୍ରବେଶ କରିବା କ୍ଷଣି ଗଣ୍ଡଗୋଳକାରୀମାନେ ଘନଶ୍ୟାମଙ୍କ ଘର ସାମନାରେ ପ୍ରସ୍ତୁତ ହୋଇ ଜଗି ରହିଲେ, କିନ୍ତୁ ଆମର ଗତିପଥ ସେୟାଡକୁ ନହୋଇ ଆମଘରକୁ ଆଡ଼କୁ ମୁହାଁଇବାରୁ ସେମାନେ ହାଉଳି ଖାଇଗଲେ । ହତଭମ୍ବ ଅବସ୍ଥାରେ ପଡି ଗଣ୍ଡଗୋଳକାରୀମାନେ କିଛି କରି ପାରିଲେ ନାହିଁ, ଏବଂ ସେହି ସମୟ ଭିତରେ ଆମେ ବୋହୁକୁ ଆଣି ଆମଘରେ ନିରାପଦରେ ପହଞ୍ଚି ଯାଇଥିଲୁ । ଆମ ଘରେ ପହଞ୍ଚି ଦିବାକର ଭାଇ ଓ ବୁଲେଇ ନାୟକଙ୍କୁ ଆମ ପିଣ୍ଡାରେ ବସାଇ ଦୋକାନକୁ ଚାଲିଗଲି ତାଙ୍କ ପାଇଁ ସିଗାରେଟ୍-ପାନ ଇତ୍ୟାଦି ଆଣିବା ପାଇଁ ; କେବଳ ବୁଲେଇ ନାୟକଙ୍କୁ ଏତିକି ହୁସିଆରି ଦେଇଥିଲି, ତମ ଘରେ ତମପ୍ରତି ଭଲ ଭାବନା ନାହିଁ, ତେଣୁ ବର୍ତ୍ତମାନ ତୁମ ଘରକୁ ଯିବ ନାହିଁ । ବାଣୁଆ ବାଘକୁ ବାଣରେ ଘାଉଲା କରିଲା ପରେ ବାଘ ଯେପରି ବାଣୁଆକୁ ଆକମଣ କରିବସେ, ସେହିପରି ମୋ ଅନୁପସ୍ଥିତିର ସୁଯୋଗରେ କେତେକ ଲୋକ ବଡ଼ଦାଦା (ଉପେନ୍ଦ୍ର ବେହେରା)ଙ୍କ ନେତୃତ୍ୱରେ ଆମଦାଣ୍ଡ ପର୍ଯ୍ୟନ୍ତ ହୋହଲ୍ଲା କରି ଝପଟି ଆସିଲେ । ଅଳ୍ପ କେତେ ସେକେଣ୍ଡ ପୂର୍ବରୁ ବୁଲେଇ ନାୟକକୁ ମୁଁ ତାଙ୍କ ଘରକୁ ଯିବାକୁ ବାରଣ କରିଥିବା ସତ୍ତ୍ୱେ ସେ ଏହାର ଗୁରୁତ୍ୱ ବୁଝି ନପାରି ଆମପିଣ୍ଡାରୁ ତାଙ୍କ ଘରକୁ ଯିବାକୁ ବାହାରିଲା । ସେହି ମୁହୂର୍ତ୍ତରେ ତାର ସାନଭାଇ ତାକୁ ଅଜାତିଆ କହି ଦାଣ୍ଡରେ ପେଲାପେଲି ଆରମ୍ଭ କରିଦେଲା । ମୁଁ ପାଟିତୁଣ୍ଡ ଶୁଣି ସଙ୍ଗେସଙ୍ଗେ ଦଉଡ଼ି ଆସିଲି । ପ୍ରଥମେ ବୁଲେଇକୁ ସେମାନଙ୍କ ଘେରଭିତରୁ ଉଦ୍ଧାର କରି ଆମ ପିଣ୍ଡାକୁ ଉଠାଇ ଆଣିଲି । ପ୍ରତିପକ୍ଷ ଅଧିକ କିଛି ଗଣ୍ଡଗୋଳ କରିବାର ସୁଯୋଗ ହରାଇ ବସିବାରୁ ବଡ଼ ଦାଦା ସ୍ୱୟଂ ଆଗକୁ ବାହରି ନେତୃତ୍ୱ ନେଇ କହିଲେ, ତୁ ଆମ ଜାତିକୁ ଅଜାତି କରାଇ ଦେଲୁ । ତୋତେ ଆମେ ସହଜରେ ଛାଡ଼ିବୁ ନାହିଁ । ସେତେବେଳେ ଶହଶହ ଲୋକ ଜମା ହୋଇ ଗଲେଣି । ମୁଁ ସେଉଠୁଁ ତାଙ୍କୁ ଜବାବ ଦେଲି- ତୁମେ ମୋର ବଡ଼ଦାଦା, ପିତୃତୁଲ୍ୟ, ତେଣୁ ତୁମର ସମ୍ମାନ ରଖି ତୁମେ ଚୁପ୍ ରୁହ । ମୁଁ ଯଦି ଅଜାତିଆ ହେଲି, ତୁମ ଜାତି ଚାଲିଯିବ କାହିଁକି ? ମୁଁ ତୁମ ଜାତିବାଲାଙ୍କ ସାଙ୍ଗରେ ରହିବାକୁ ଚାହେଁ ନାହିଁ । ମୁଁ ସବୁଦିନେ ମୋର ଅଜାତିଆ ଭାଇଙ୍କ ସଙ୍ଗେ ରହିବି । ନ୍ୟାୟ ପାଖରେ ବାପା, ମା, ଦାଦା ଓ ଭାଇଙ୍କର ସ୍ଥାନ ନାହିଁ । ତୁମେ ଯଦି ଏଥିରୁ କ୍ଷାନ୍ତ ନହୁଅ, ତୁମକୁ କାଲି ପୁଲିସ ଦ୍ୱାରା ଆରେଷ୍ଟ କରାଇବି । ଶୀଘ୍ର ଏଠୁ ଚାଲିଯାଅ । ତୁମଭଳି ହଜାରଟା ଉପେନ୍ଦ୍ର ବେହେରା ଆସିଲେ ବି ଏ ବିଭାଘର ବନ୍ଦ କରି ଦେଇ ପାରିବେ ନାହିଁ । ବିଭାଘର ନିଶ୍ଚୟ ହେବ । ଏହିପରି ଖୁବ୍ ବଡ଼ ପାଟିରେ ଟାଣଟାଣ କଥା କହିବାରୁ ସମସ୍ତେ ଛତ୍ରଭଙ୍ଗ ଦେଇ ଯେଝା ବାଟରେ ପଳେଇଗଲେ । ତାପରେ ଆମେ ବିଭାଘର ଆୟୋଜନରେ ଲାଗିଗଲୁ । ଜଣେ ପୁରୋହିତଙ୍କ ସହିତ ଆଗରୁ ହୋଇଥିବା କଥାବାର୍ତ୍ତା ଅନୁଯାୟୀ ସେ ସଂପୂର୍ଣ୍ଣ ବୈଦିକ ପଦ୍ଧତିରେ ବିଭାଘର କରାଇବା ପାଇଁ ଆମ ଘରକୁ ଆସିଲେ । କିନ୍ତୁ ପୁରୋହିତ ଆସିବା ଦେଖି ଦାଦା ସଙ୍ଗେସଙ୍ଗେ ଲୋକ ପଠାଇ ତାଙ୍କୁ ଆମଘରୁ ଡ଼ାକି ନେଲେ । ପୁରୋହିତ ଗଲେ, କିନ୍ତୁ ଆଉ ଫେରିଲେ ନାହିଁ । ଆମେ ଆଗରୁ ମଧ୍ୟ ଏହା ଆଶଙ୍କା କରିଥିଲୁ । ମୁଁ ସଙ୍ଗେସଙ୍ଗେ ପ୍ରସ୍ତାବ ଦେଲି, ଆମେ ପୁରୋହିତଙ୍କୁ ଆଉ ଖୋସାମତ୍ ନକରି ଗାନ୍ଧର୍ବ ମତରେ ବରଣମାଳା ଦିଆଇ ବିଭାଘର କରାଇ ଦେବା । କନ୍ୟାପକ୍ଷର ସମସ୍ତେ ଏଥିରେ ରାଜି ହୋଇଗଲେ । ନୂଆ ପ୍ରସ୍ତାବ ଅନୁସାରେ ଫୁଲହାର ଯୋଗାଡ଼ କରାଗଲା ଏବଂ ଖୁବ୍ କମ୍ ସମୟ ଭିତରେ ସମୁଦାୟ ବିଭାଘର-କାର୍ଯ୍ୟ ସମ୍ପନ୍ନ ହୋଇଗଲା । ବୋଉ, ମୋ ସ୍ତ୍ରୀ, ପୁଅ ରଣଜିତ୍, ଝିଅ ଚଉଧୁରୀ, ମୁଁ, ଘନଶ୍ୟାମ ଓ ବୋହୁ ସହିତ ଆସିଥିବା ବନ୍ଧୁ- ଏହିପରି ମୋଟ୍ ଆଠଜଣଙ୍କ ପାଇଁ ରୋଷେଇ କରାହେଲା ଏବଂ ଆମେ ଖିଆପିଆ କରି ସତର୍କ ଭାବରେ ରାତି କଟାଇଲୁ, କାରଣ କାଳେ ରାତିର ସୁଯୋଗ ନେଇ ପ୍ରତିପକ୍ଷ ଆମ ଉପରେ ଚଢ଼ାଉ କରିପାରନ୍ତି । ସେହିଦନଠାରୁ ଘନଶ୍ୟାମ ଆଉ ତାଙ୍କ ଘରକୁ ନଯାଇ ସସ୍ତ୍ରୀକ ଆମ ଘରେ ରହିଲେ ।

## ସଂସ୍କାରପନ୍ଥୀଙ୍କ ବିଜୟ

ଗାଁର ଯେଉଁ ଯୁବକମାନେ ମୂଳରୁ ମୋର ବିଭିନ୍ନ ବିପ୍ଲବାତ୍ମକ କାର୍ଯ୍ୟରେ ସହଯୋଗ କରୁଥିଲେ, ଅଥଚ ଏହି ବିଭାଘର କାର୍ଯ୍ୟରେ ନୀରବଦ୍ରଷ୍ଟା ଥିଲେ ସେମାନେ ବିଭାଘର ସରିଗଲା ପରେ ଜଣଜଣ କରି ମୋ ପାଖକୁ ଆସି ସହାନୁଭୂତି ଜଣାଇଲେ । ସେମାନଙ୍କ ପାଖରୁ ଶୁଣିଲି ଯେ, ମୁଁ ହରିଜନ ଘରେ ଖାଇବା ଓ ଛତରଖିଆ ଘରେ ଘନଶ୍ୟାମର ବିଭାଘର କରାଇବା, ଏହି ଦୁଇ କାରଣରୁ ମୋତେ ଜାତିଭାଇରୁ ନିକାଲିବା ପାଇଁ ପ୍ରତିପକ୍ଷ ଗୋଷ୍ଠୀ ଗତ ରାତିରେ ଏକ ଗୁପ୍ତ ବୈଠକ କରିଛନ୍ତି, ଏବଂ ସେହି ବୈଠକରେ ସ୍ଥିର ହୋଇଛି ଯେ, ବଳଦେବଜୀଉଙ୍କ ମହାପ୍ରସାଦ ଛୁଇଁ ସମସ୍ତେ ହଲପ୍ କରିବେ ଯେ, ନରୋତ୍ତମ ବେହେରାଙ୍କୁ ଜାତିଭାଇରୁ ବାସନ୍ଦ କରିବା ସହିତ ସବୁଦିନ ପାଇଁ ଗାଁର ଧୋବା-ବାରିକ ସେବା ବନ୍ଦ କରି ଦିଆଯିବ । ଏ କଥା ଯୁବକମାନଙ୍କ ଠାରୁ ଶୁଣି ସେମାନଙ୍କୁ ମୁଁ ପ୍ରଥମେ ଏ ବ୍ୟାପାରରେ ସେମାନଙ୍କ ମତ ପଚାରିଲି । ସେମାନେ କହିଲେ, ଆମେ ଯେତେବେଳେ ତୁମ ସହ ମିଶି ଆଗରୁ ବିଭିନ୍ନ ସଂସ୍କାର-କାମ କରିଛୁ, ତୁମେ ଯାହା ପରାମର୍ଶ ଦେବ, ଆମେ ସେହି ଅନୁସାରେ କାର୍ଯ୍ୟ କରିବୁ । ମୁଁ ସେମାନଙ୍କୁ ଗୋଟିଏ ପରାମର୍ଶ ଦେଲି, ଜାତିଭାଇ ବୈଠକରେ ଆଗତ ପ୍ରସ୍ତାବ ଉପରେ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ପ୍ରତି ଯୁବସାଥୀ ନିଜେ ଉପସ୍ଥିତ ମୁରବୀମାନଙ୍କ ସହ ଯଥାସମ୍ଭବ ଯୁକ୍ତି କରିବା ଦରକାର । ଠିକ୍ ସମୟରେ ଜାତିଭାଇଙ୍କର ଗୁପ୍ତସଭା ଆରମ୍ଭ ହେଲା । ମହାପ୍ରସାଦ ଆସି ପିଢ଼ା ଉପରେ ରହିଲା । ଦାଦା ନେତୃତ୍ୱ ନେଇଥିବାରୁ ଆଗ ଛାମୁଆ ହୋଇ ଉପସ୍ଥିତ ହେଲେ । ପିଲାଛୁଆ ଠାରୁ ଯୁବକ ଓ ବୁଢ଼ା ପର୍ଯ୍ୟନ୍ତ ଲୋକେ ସଭା ମଣ୍ଡନ କରି ବସିଲେ । ଘମାଘୋଟ ଆଲୋଚନା ଚାଲିଲା । ଯୁବକମାନେ ମୁରବୀମାନଙ୍କ ପାଖରେ ସେମାନଙ୍କ ଯୁକ୍ତିକୁ ବଳିଷ୍ଠ ଭାବରେ ଉପସ୍ଥାପନ କରି କହିଲେ ଯେ, ପୁତୁରା ଯେତେବେଳେ ହରିଜନ ଘରେ ଖାଇଥିଲା, ସେତେବେଳେ ତାଙ୍କ ଦାଦା ତାଙ୍କ ଠାରୁ ଅଲଗା ରହିବା କଥା । ଏ ପର୍ଯ୍ୟନ୍ତ ଅଲଗା ନରହି ତାଙ୍କ ସଙ୍ଗରେ ରହିବା ଦ୍ୱାରା ସେ ମଧ୍ୟ ହରିଜନ ଘରେ ଖାଇଲେ ବୋଲି ଧରାଯିବ । ତେଣୁ ଯଦି ବନ୍ଦ କରାଯିବ, ଉଭୟଙ୍କୁ କରାଯିବ, ଯଦି ନକରାଯିବ, କାହାକୁ କରାଯିବନି । ଏଭଳି ବଳିଷ୍ଠ ଯୁକ୍ତିରେ ଦାଦାଙ୍କ ପକ୍ଷ ଲୋକଙ୍କ ଦମ୍ଭ ଭାଙ୍ଗିଗଲା, ସେମାନେ ନିରାଶରେ ଘରକୁ ଫେରିଲେ । ମହାପ୍ରସାଦ ପନ୍ଦରଦିନ ଧରି ଜନ୍ଦାପିମ୍ପୁଡ଼ିକୁ ସୁମିଷ୍ଟ ଆହାର ଯୋଗାଇଲା । ଏହିପରି ରକ୍ଷଣଶୀଳ ଗୋଷ୍ଠୀଙ୍କ ମେଳି ଭାଙ୍ଗିଗଲା ଓ କ୍ରମେକ୍ରମେ ଜାତିଭାଇମାନଙ୍କ ମନରୁ ମଧ୍ୟ ମୋପ୍ରତି ବିରୋଧ ମିଳେଇଗଲା । ଆଗରୁ କହିଛି, ବିଭାଘରରେ ବୁଲେଇ ନାୟକ ସହଯୋଗ କରିଥିବା କାରଣରୁ ତାଙ୍କ ଭାଇଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା, ଏବଂ ତା'ପରେ ତାଙ୍କୁ ଅଜାତି କହି ଘରୁ ତଡ଼ି ଦିଆଯାଇଥିଲା । କିନ୍ତୁ ସେହିଦିନ ଠାରୁ ସେ ଆମ ଘରେ ମୋ ସହ ସାଙ୍ଗ ହୋଇ ରହିଲେ ଓ ସର୍ବୋଦୟ ବିଷୟରେ ପ୍ରଚାର ପାଇଁ ବିଭିନ୍ନ ଗ୍ରାମକୁ ଯିବାଆସିବା କଲେ । ଆମ ଗାଁରେ ଛତରଖିଆ ସହିତ ବିଭାଘର ଘଟଣା ସେ ଅଞ୍ଚଳରେ ସବୁଆଡ଼େ ବ୍ୟାପିଗଲା । ରକ୍ଷଣଶୀଳମାନେ ନାକ ଟେକିଲେ, କିନ୍ତୁ ନବଯୁବକମାନେ ଏହାକୁ ସ୍ୱାଗତ କଲେ । ସେହି ବିଭାଘର ଦିନ ଠାରୁ ସମାଜରୁ ଛତରଖିଆ କଳଙ୍କ ଖୁବ୍ ଶୀଘ୍ର ଅପସରି ଗଲା । ପରବର୍ତ୍ତୀ ସମୟରେ ମୁଁ ଦେଖିବାକୁ ପାଇଛି, ଛତରଖିଆ ଘରର କେତେକ ପୁଅ ଓ ଝିଅ କୁଳୀନ ଓ ଧନଶାଳୀ ଲୋକମାନଙ୍କ ଘରେ ବନ୍ଧୁ ବାନ୍ଧିଲେଣି । ଛତରଖିଆ ପ୍ରଥା କେବଳ ଇତିହାସର ବିଷୟବସ୍ତୁ ହୋଇରହିଛି ।

**ନରୋତ୍ତମ ବେହେରା, ଗ୍ରାମ- ଦଶିପୁର, ଡାକ- ବାଲାଣା, ଭା- ମାର୍ଶାଘାଇ, ଜି- କେନ୍ଦ୍ରାପଡା, ଫୋନ୍- ୯୨୩୮୭୪୪୨୩୯, ତା ୮.୧.୨୦୦୭**